# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 02-01-2026

ଅନ୍ଗୁଳ(ଓଡିଶା) - :2026-01-02 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-01-03 | 2026-01-04 | 2026-01-05 | 2026-01-06 | 2026-01-07 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 26.0 | 26.0 | 27.0 | 26.0 | 25.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 9.0 | 9.0 | 10.0 | 10.0 | 10.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 80 | 80 | 82 | 82 | 83 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 30 | 33 | 34 | 35 | 30 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 2 | 3 | 2 | 2 | 3 |
| ପବନର ଦିଗ (ଡିଗ୍ରୀ) | 27 | 50 | 63 | 45 | 14 |
| ମେଘାଛନ୍ନ (ଅକ୍ଟା) | 2 | 2 | 1 | 2 | 1 |
| ସତର୍କବାଣୀ | କୁହୁଡ଼ି | କୁହୁଡ଼ି | କୌଣସି ସତର୍କତା ନାହିଁ | କୁହୁଡ଼ି | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ୫ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୫-୨୭ ଡିଗ୍ରୀ ସେଲସିୟସ ୯-୧୦ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୮୦-୮୩ % ଏବଂ ୩୦-୩୫ % ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୨ ରୁ ୩ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ମୁଖ୍ୟତ ନିର୍ମଳ ସମ୍ଭାବନା।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

(୦୨.୦୧.୨୦୨୬ ତାରିଖ ସକାଳ ୮.୩୦ ଠାରୁ ୩.୦୧.୨୦୨୬ ତାରିଖ ସକାଳ ୮.୩୦ ପର୍ଯ୍ୟନ୍ତ) ଅନୁଗୁଳ ଜିଲ୍ଲାର ଗୋଟିଏ ରୁ ଦୁଇଟି ସ୍ଥାନରେ ଘନ କୁହୁଡି ର ସମ୍ଭାବନା ଅଛି । (୦୪.୦୧.୨୦୨୬ ତାରିଖ ସକାଳ ୮.୩୦ ଠାରୁ ୦୫.୦୧.୨୦୨୬ ତାରିଖ ସକାଳ ୮.୩୦ ପର୍ଯ୍ୟନ୍ତ) ଅନୁଗୁଳ ଜିଲ୍ଲାର ଗୋଟିଏ ରୁ ଦୁଇଟି ସ୍ଥାନରେ ଘନ କୁହୁଡି ର ସମ୍ଭାବନା ଅଛି ।

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

□ ସକାଳ ଓ ସନ୍ଧ୍ୟା ସମୟରେ ରେ ଶୀତ ଦିନିଆ ପନିପରିବା ରେ ଜଳ ସେଚନ କରନ୍ତୁ । □ ବିଳମ୍ବ ଶୀତ ଦିନିଆ କୋବି ଫସଲ ପାଇଁ ତଳି ପକାଉଥିଲେ ତଳିଘେରାର ତାପମାତ୍ରା ଅଧିକ ରଖିବା ପାଇଁ ବିହନ ଲଗାଇ ନଡା ଦ୍ୱାରା ଆଛାଦନ କରନ୍ତୁ

କିମ୍ବା ପଲିଥିନ୍ ରେ ତଳିଘେରାକୁ ରାତି ସମୟରେ ଘୋଡାଇ ସକାଳୁ ବାହାର କରିଦିଅନ୍ତୁ। □ ବର୍ତ୍ତମାନ ପନିପରିବା ତଳି ରୋଉ ଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ।

## ସାଧାରଣ ଉପଦେଶ:

□ ମୂଷା ଜାତୀୟ ଜୀବ ର ମୁକବିଲା କରିବା ପାଇଁ ବିଷଥପୋ ବ୍ୟବହାର କରନ୍ତୁ । □ ହରଡ଼ ଗଛରେ ୭୦-୮୦ ଶତକଡା ଛୁଇଁ ଗୁଡିକ ହଳଦିଆ ରୁ ବାଦାମି ରଙ୍ଗର ଦେଖାଗଲେ ଅମଳ କରନ୍ତୁ । ଛୁଇଁ ଗୁଡିକ ଅଧିକ ଶୁଖି ଗଲେ ମଞ୍ଜି ଝଡି ପଡିବାର ସମ୍ଭାବନା ଥାଏ । ଅମଳ ପରେ ୩-୬ ଦିନ ଟାଣ ଖରାରେ ଶୁଖାନ୍ତୁ । □ ମୂଳି ଆଖୁ ଫସଲରେ ଯଥେଷ୍ଟ ଗଜା ନ ବାହାରି ଜମି ଖାଲି ପଡିବା ଏକ ମୁଖ୍ୟ ସମସ୍ୟା । ତେଣୁ ଦୁଇ ଆଖି ଥିବା ଆଖୁ ଖଣ୍ଡ କୁ ତଳିଘେରା ରେ ଗଜା କରି କିମ୍ବା ଏକ ଆଖି ବିଶିଷ୍ଟ ଆଖୁ ଖଣ୍ଡ କୁ ପୋଲିଥିନ ମୁଣା ରେ ଗଜା କରି ଏକ ମାସ ମଧରେ ଜମିରେ ୪୫ ସେ.ମି. ରୁ ଅଧିକ ଦୂରତା ରେ ଖାଲି ସ୍ଥାନ ଥିଲେ ଖୁଆଁ ଦେଇ ଜଳସସଚନ କରନ୍ତୁ । ପ୍ରଥମ ଫସଲ ଅପେକ୍ଷ୍ୟା ମୂଳି ଫସଲରେ ଶତକଡା ୨୫ ଭାଗ ଅଧିକ ଯବକ୍ଷାରଜନ ସାର ଆବଶ୍ୟକ ହୋଇଥାଏ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

□ ମାଟି ତଳେ ଆଳୁ ଭଲ ଭାବେ ବଢିବା ପାଇଁ ମାଟି ତାପମାତ୍ରା ୩୦°C ରୁ କମ୍ ରହିବା ଉଚିତ। ତେଣୁ ଆଳୁ ଫସଲ ରେ ଜଳସେଚନ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବିରି | ମୁଗ ଓ ବିରି ଫସଲରେ ବର୍ତମାନ ସମୟ ରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି। ମୁଗ ଓ ବିରି ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ଜଉ ପୋକ ର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୭୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ମସୁର/ହରଡ଼ | ବିହନ କୁ ସାଇତି ରଖିବା ସମୟରେ ପ୍ରତି କୁଇଣ୍ଟାଲ ଦାନା ପିଛା ୨୫୦ ମିଲି ଯେକୌଣସି ଖାଇବା ତେଲରେ ବିହନ କୁ ଗୋଳାଇ ରଖିଲେ ପୋକ ଲାଗିବାର ସମ୍ଭାବନା କମିଯାଏ । ଏହା ବଦଳରେ ଛାଇରେ ଶୁଖା ଯାଇଥିବା ବେଗୁନିଆ ପତ୍ର କିମ୍ବା ନିମ୍ବ ପତ୍ର ୧ କିଲୋଗ୍ରାମ ପ୍ରତି କୁଇଣ୍ଟାଲ ଦାନା ବସ୍ତାରେ ମିଶାଇ ରଖିଲେ ପୋକ ଲାଗି ନଥାଏ । ପ୍ରତି କିଲୋଗ୍ରାମ ମଞ୍ଜି ପାଇଁ ଗୋଟିଏ ଗନ୍ଧକର୍ପୂର ବଟିକା କୁ ହରଡ଼ ବିହନ ଥିବା ଅଖା ରେ ରଖିଲେ ପୋକ ଲାଗିବାର ସମ୍ଭାବନା କମିଯାଏ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପିଆଜ | ପିଆଜ ତଳି ଲଗେଇବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୧ ଲିଟର Pendimethalin ନାମକ ଘାସ ମରା ଔଷଧ କିମ୍ବା ୮୦ ଗ୍ରାମ Oxyfluorfen ନାମକ ଘାସମରା ଔଷଧ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

□ ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଇ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ । □ କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ ।

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| □ କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନ ରହିଛି । ଏହାର ନିରାକରଣ ବ୍ୟବସ୍ଥା କରନ୍ତୁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**